# NATIONAL NEWS BULLETIN (ODIA)

**25 October - 2024**

**Morning Bulletin : 7.15 a.m.**

*********************************

## ମୁଖ୍ୟ ସମ୍ବାଦ

- ରାୟପୁର ଏମ୍ସ ସମେତ ଏନ୍ଆଇଟିର ୧୪ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଜଷ୍ଟିସ ସଞ୍ଜୀବ ଖାନ୍ନା ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ନିଯୁକ୍ତ ।
- ଗତ ୭୫ ବର୍ଷ ମଧ୍ୟରେ ସୁପ୍ରିମକୋର୍ଟ ଏକ ଜନ ଅଦାଲତରେ ପରିଣତ ହୋଇଛି; କହିଲେ ପ୍ରଧାନ ବିଚାରପତି ।
- ଉତ୍ତର ଓଡ଼ିଶା ଉପକୂଳ ଅତିକ୍ରମ କଲା ସାମୁଦ୍ରିକ ଝଡ଼ 'ଦାନା'

ଏବଂ

- ମହିଳା କ୍ରିକେଟରେ ଅଣଷଠୀ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କଲା ଭାରତ ।

# ପ୍ରେସିଡେଣ୍ଟ ଛତିଶଗଡ଼

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇ ଦିନିଆ ଛତିଶଗଡ଼ ଗସ୍ତରେ ଯିବେ। ସେ ଆଜି ରାୟପୁର ଏମ୍ସର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାୟପୁରସ୍ଥିତ ଏନ୍‌ଆଇଟିର ୧୪ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନୟା ରାୟପୁରସ୍ଥିତ ପୁରଖଉତି ମୁକ୍ତାଙ୍ଗନ ପରିଦର୍ଶନ କରିବେ।

ଆସନ୍ତାକାଲି ରାଷ୍ଟ୍ରପତି ଭିଲାଇ ଆଇ.ଆଇ.ଟି.ର ଚତୁର୍ଥ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ରାୟପୁରସ୍ଥିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମେମୋରିଆଲ ହେଲ୍‌ଥ ସାଇନ୍ସ ଓ ଛତିଶଗଡ଼ର ଆୟୁଷ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ମଧ୍ୟ ସେ ଯୋଗଦେବେ।

# ସିଜିଆଇ ଆପଏଣ୍ଟମେଣ୍ଟ

ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଟ୍ୱିଟ୍ କରି କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ ନଭେମ୍ବର ୧୧ ତାରିଖରୁ ଜଷ୍ଟିସ ଖାନ୍ନାଙ୍କୁ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ୍ ଖାନ୍ନା ଏବେ ସୁପ୍ରିମ୍‌କୋର୍ଟର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ସେ ଭାରତର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ ୨୦୨୫ ମେ’ ୧୩ ତାରିଖରେ ଅବସର ଗ୍ରହଣ କରିବେ।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା ୨୦୧୯ ଜାନୁଆରୀ ୧୮ ତାରିଖରେ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଏହି ପଦବୀରେ ସେ ଅନେକ ଐତିହାସିକ ରାୟ ପ୍ରଦାନ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟର ଏକାଧିକ ସାମ୍ବିଧାନିକ ଖଣ୍ଡପୀଠରେ କାର୍ଯ୍ୟ କରିଛନ୍ତି। ତାଙ୍କ ରାୟ ବ୍ୟକ୍ତିଗତ ସ୍ୱାଧୀନତା, ଦୃଢ଼ ଗଣତାନ୍ତ୍ରିକ ଭାଗିଦାରୀ ଏବଂ ବ୍ୟକ୍ତିଗତ ସ୍ୱାୟତ୍ତତାର ପ୍ରାଥମିକତା ଉପରେ ଗୁରୁତ୍ୱ ପ୍ରଦାନ କରିଛି।

୨୦୨୨ ନଭେମ୍ବର ୯ତାରିଖରେ ଦାୟିତ୍ୱ ଗ୍ରହଣ କରିଥିବା ବର୍ତ୍ତମାନର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଚଳିତ ବର୍ଷ ନଭେମ୍ବର ୧୦ତାରିଖରେ ଅବସର ଗ୍ରହଣ କରିବେ।

## ସିଜିଆଇ ଇଣ୍ଟରଭ୍ୟୁ

ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି, ଗତ ୭୫ ବର୍ଷ ମଧ୍ୟରେ ସୁପ୍ରିମ୍‌କୋର୍ଟ ଏକ ଜନଅଦାଲତରେ ପରିଣତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଲୋକଙ୍କ ପାଇଁ ଏକ ଅଦାଲତ ଭାବରେ କାର୍ଯ୍ୟ କରୁଥିବା ଅନନ୍ୟ ଦୃଷ୍ଟିକୋଣକୁ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଅନୁକରଣ କରାଯାଇ ନାହିଁ ବୋଲି ସେ କହିଛନ୍ତି।

ସୁପ୍ରିମ୍‌କୋର୍ଟର ୭୫ତମ ବାର୍ଷିକୀ ଅବସରରେ ଆକାଶବାଣୀ ସମାଚାରକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ପ୍ରଧାନ ବିଚାରପତି ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ସେ ଅଲ୍ ଇଣ୍ଡିଆ ରେଡିଓରେ ଉପସ୍ଥାପକ ଭାବରେ ତାଙ୍କ ଦିନଗୁଡ଼ିକୁ ସ୍ମରଣ କରିଥିଲେ ।

ଏହି ସାକ୍ଷାତକାର ଆଜି ରାତି ସାଢ଼େ ୯ଟାରେ ୧୦୦.୧ ଆକାଶବାଣୀ ଗୋଲ୍ଡ ଓ ଅତିରିକ୍ତ ଫ୍ରିକ୍ୱେନ୍ସିରେ ପ୍ରସାରିତ ହେବ। ଏହା ଆମର ଆପ୍ ନ୍ୟୁଜ୍ ଅନ୍ ଏଆଇଆର, ୱେବସାଇଟ୍ ଭରଙ୍ଗଖ୍ବକ୍ଟଭବସଖ୍ବ.ଶକ୍ଟଙ୍ଗ.ସଭ ଏବଂ ଆମର ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଉପଲବ୍ଧ ହେବ ।

## ବାତ୍ୟା 'ଦାନା'

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଦାନା' ଉତ୍ତର ଓଡ଼ିଶା ଉପକୂଳ ଅତିକ୍ରମ କରିଛି। ମଧ୍ୟରାତ୍ରି ପରେ ଏହି ସାମୁଦ୍ରିକ ଝଡ଼ ସ୍ଥଳଭାଗ ସ୍ପର୍ଶ କରିବା ଆରମ୍ଭ କରିଥିଲା। ରାତି ଗୋଟାଏରୁ ସକାଳ ୩ଟା ୩୦ ମଧ୍ୟରେ ଭିତରକନିକା ହବାଲିଖଟି ପ୍ରକୃତି ଶିବିର ଓ ଧାମରା ନିକଟ ଉତ୍ତର ଓଡ଼ିଶା ଅତିକ୍ରମ କରିଥିବା ପାଣିପାଗ ବିଭାଗ କହିଛି। ଏହା ସ୍ଥଳଭାଗ ସ୍ପର୍ଶ କରି ଅତିକ୍ରମ କରିବା ସମୟରେ ଘଣ୍ଟା ପ୍ରତି ପବନର ବେଗ ୧୦୦ରୁ ୧୧୦ କିଲୋମିଟର ରହିଥିଲା। ଏହି ସାମୁଦ୍ରିକ ଝଡ଼ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତକରି ଦୁର୍ବଳ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ପ୍ରଭାବରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷା ହୋଇଯାଇଛି।

## ପିଏମ୍ ହ୍ୟୁଣ୍ଡାଇ

ହ୍ୟୁଣ୍ଡାଇ ମୋଟର ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ୟୁସୁନ୍ ଚୁଙ୍ଗ୍ ଚଳିତ ମାସ ୨୧ ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଥିଲେ। ହୁଣ୍ଡାଇ ଇଣ୍ଡିଆର ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟର

ଜବାବରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ପ୍ରକୃତରେ ନିବେଶ କରିବା ପାଇଁ ଆଦର୍ଶ ସ୍ଥାନ । ପୁଣେରେ କାରଖାନା ପ୍ରତି ହୁଣ୍ଡାଇର ଉତ୍ସାହ ଦେଖି ସେ ଖୁସି ବ୍ୟକ୍ତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ମହାରାଷ୍ଟ୍ର ହେଉଛି ଭାରତର ଅର୍ଥନୈତିକ ଶକ୍ତିକେନ୍ଦ୍ର ଏବଂ ଏଭଳି ବୃହତ ପୁଞ୍ଜିନିବେଶ ରାଜ୍ୟବାସୀଙ୍କୁ ଅଧିକ ଉପକୃତ କରିବ।

## ଗୁଲ୍‌ମାର୍ଗ ଟେରର ଆଟାକ

କାଶ୍ମୀର ଉପତ୍ୟକାରେ ଗତ ରାତିରେ ଉତ୍ତର କଶ୍ମୀରର ବାରାମୁଲା ଜିଲ୍ଲାର ଗୁଲମାର୍ଗର ବଟପଥ୍ରି ଅଞ୍ଚଳରେ ଆତଙ୍କବାଦୀମାନେ ସେନାର ଏକ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଶ୍ରୀନଗରସ୍ଥିତ ଚିନାର କର୍ପସ୍ ଅନୁଯାୟୀ, ଗୁଳିବିନିମୟରେ ଦୁଇ ଜଣ ଯବାନ ଏବଂ ଦୁଇ ଜଣ କୁଲି ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି।

କଶ୍ମୀର ଉପତ୍ୟକାରେ ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଆତଙ୍କବାଦୀ ଆକ୍ରମଣ। ଏହା ପୂର୍ବରୁ ମଧ୍ୟ କାଶ୍ମୀରର ଗାନ୍ଦରବଲ ଜିଲ୍ଲାର ଗଙ୍ଗାଗିର ଅଞ୍ଚଳରେ ଆତଙ୍କବାଦୀମାନେ ୬ ଜଣ ଏବଂ କେନ୍ଦ୍ରୀୟ କଶ୍ମୀରର ବଡଗାମ ଜିଲ୍ଲାର ଜଣେ ଡାକ୍ତରଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ସେପଟେ ସମଗ୍ର ଅଞ୍ଚଳକୁ ସୁରକ୍ଷା ବାହିନୀ ଘେରାବନ୍ଦୀ କରିବା ସହ ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀଙ୍କୁ ଧରିବା ଲାଗି ବ୍ୟାପକ ଅଭିଯାନ ଆରମ୍ଭ କରିଛି ।

# କଂଗ୍ରେସ ଫାଷ୍ଟ ଲିଷ୍ଟ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ କଂଗ୍ରେସ  ଦଳ ୪୮ଟି ଆସନ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ବରିଷ୍ଠ ନେତା ପୃଥ୍ୱୀରାଜ ଚୌହାନ କରାଡ ଦକ୍ଷିଣ ନିର୍ବାଚନ ମଣ୍ଡଳୀରୁ, ଅମିତ ବିଳାସରାଓ ଦେଶମୁଖ ଓ ଧୀରଜ ବିଲାରାଓ ଦେଶମୁଖ ଲାଟୁର ସହର ଏବଂ ଲାଟୁର ଗ୍ରାମୀଣ ଆସନରୁ ନିର୍ବାଚନ ଲଢ଼ିବେ। ମୁମ୍ବାଇରେ ଡାକ୍ତର ଜ୍ୟୋତି ଏକନାଥ ଗାଇକୱାଡ ଧାରଭି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ପ୍ରାର୍ଥୀ ହେବେ। କଂଗ୍ରେସ ନେତା ନୀତିନ ରାଉତ ନାଗପୁର ଉତ୍ତର ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ।

# ୫୫୨ କ୍ୟାଣ୍ଡିଡେଟ୍ ଫାଇଲ ନୋମିନେସ

ମହାରାଷ୍ଟ୍ରରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ରାଜ୍ୟରୁ ୫୫୨ ଜଣ ପ୍ରାର୍ଥୀ ୭୨୦ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି- ଏସପି) ପକ୍ଷରୁ ହର୍ଷବର୍ଦ୍ଧନ ପାଟିଲ ଗତକାଲି ଇନ୍ଦାପୁରରୁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଜୟନ୍ତ ପାଟିଲ ସାଙ୍ଗଲିର ଇସଲାମପୁରରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟ ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ୟେଓଲାରୁ ଏନସିପିର ଛଗନ ଭୁଜବଳ, ଆମ୍ବେଗାଓଁରୁ ଏନ୍‌ସିପିର ଦିଲ୍ଲୀପ ୱାଲସେ ପାଟିଲ ଏବଂ ପାର୍ଲିରୁ ଧନଞ୍ଜୟ ମୁଣ୍ଡେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶିରିଡିରୁ ବିଜେପିର ରାଧାକୃଷ୍ଣ ଭିକେ ପାଟିଲ ଏବଂ କୋଥରୁଡରୁ ଚନ୍ଦ୍ରକାନ୍ତ ପାଟିଲ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ମୁମ୍ବାଇରେ ମାଲାବାର ହିଲ୍‌ସରୁ ମଙ୍ଗଳ ପ୍ରଭାତ ଲୋଧା, ପୂର୍ବ କାନ୍ଦିଓ୍ବାଲିରୁ ଅତୁଲ ଭାଟ୍‌ଖାଲକର, ଭିଲେପାର୍ଲେରୁ ପରାଗ ଆଲାଭାନୀ, ମୁଲୁଣ୍ଡରୁ ମିହିର କୋଟେଚା ମଧ୍ଯ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶିବସେନାର ଆଦିତ୍ୟ ଠାକରେ ମଧ୍ଯ ମୁମ୍ବାଇର ଓ୍ବର୍ଲିରୁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି।

## ଏନ୍‌ଆଇଏ- ଟେରରିଷ୍ଟ

ଭାରତରେ ଖଲିସ୍ତାନୀ ଆତଙ୍କବାଦୀ ନେଟଓ୍ବାର୍କକୁ ଧ୍ୱଂସ କରିବା ପାଇଁ ଜାତୀୟ ତଦନ୍ତକାରୀ ଏଜେନ୍ସି- ଏନ୍.ଆଇ.ଏ ଦିଲ୍ଲୀ ବିମାନ ବନ୍ଦରରୁ ଖଲିସ୍ତାନ ଆତଙ୍କବାଦୀ ବାହିନୀର କୁଖ୍ୟାତ ଆତଙ୍କବାଦୀ ଅର୍ଶଦୀପ ସିଂ ଦଲା ଓରଫ ଅର୍ଶ ଦଲାଙ୍କ ଫେରାର ଘନିଷ୍ଠ ସହଯୋଗୀଙ୍କୁ ଗିରଫ କରିଛି। ଏକ ବିବୃତିରେ ଏନଆଇଏ କହିଛି, ୟୁଏଇରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ପଞ୍ଜାବର ଭଟିଣ୍ଡା ଜିଲ୍ଲାର ବଲଜିତ ସିଂ ଓରଫ ବଲଜିତ ମୌରଙ୍କୁ ଏନ୍‌ଆଇଏ ଗିରଫ କରିଥିଲା। ଏହାବ୍ୟତୀତ ସେ ଅନ୍ୟ କେତେକ ମାମଲାରେ ମଧ୍ଯ ସମ୍ପୃକ୍ତ ଥାଇ ଫେରାର ରହିଥିଲା।

ଚଳିତ ବର୍ଷ ଫେବୃଆରୀ ମାସରେଁ ବଲଜିତଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଥିବାବେଳେ ଜୁନ୍ ମାସରେ ଜାମିନ ବିହୀନ ଗିରଫ ପରଓ୍ବାନା ଜାରି କରାଯାଇଥିଲା। ବିଶେଷ କରି ଖଲିସ୍ତାନ ଆତଙ୍କବାଦୀ ବାହିନୀ ଏବଂ ଦଲାର କାର୍ଯ୍ୟକଳାପକୁ ନେଇ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇରେ ତାଙ୍କ ଗିରଫଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବୋଲି ଏଜେନ୍ସି

କହିଛି । ଏନଆଇଏ ତଦନ୍ତରୁ ଜଣାପଡିଛି, ବଲଜିତ ଅଭିଯୁକ୍ତ ଅର୍ଶ ଦଲାର ଭାରତସ୍ଥିତ ସହଯୋଗୀମାନଙ୍କୁ ଆତଙ୍କୀ ପାଣ୍ଠି ଯୋଗାଇବାରେ ସମ୍ପୃକ୍ତ ଥିଲା ।

## ସ୍ପୋର୍ଟସ ଆୱାର୍ଡ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କ୍ରୀଡ଼ା ପୁରସ୍କାର ୨୦୨୪ ପାଇଁ ଆବେଦନ ଆହ୍ୱାନ କରାଯାଇଛି । କ୍ରୀଡ଼ାରେ ଉତ୍କର୍ଷତାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଏ । କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ । ସେହିପରି ଜଣେ କ୍ରୀଡ଼ାବିତ୍‌ଙ୍କୁ କ୍ରମାଗତ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଏ । ସେ ଚଳିତ ଥର ପ୍ରଥମଥର ପାଇଁ କ୍ରୀଡ଼ା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ । ସମ୍ମାନଜନକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ପଦକ ବିଜେତା ସୃଷ୍ଟି କରିଥିବା ପ୍ରଶିକ୍ଷକମାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମଧ୍ୟ ଦିଆଯିବ । ଏହି ପୁରସ୍କାର ପାଇଁ ଯୋଗ୍ୟ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଏବଂ ସଂସ୍ଥାର ଆବେଦନ ନଭେମ୍ବର ୧୪ ତାରିଖ ସୁଦ୍ଧା dbtyas-sports.gov.in ଅନଲାଇନ୍ ପୋର୍ଟାଲରେ ଦାଖଲ କରିବାକୁ ହେବ ।

## ୱିମେନ୍ସ କ୍ରିକେଟ

ମହିଳା କ୍ରିକେଟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତ ୫୯ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଜୟ ପାଇଁ

ଆବଶ୍ୟକ ୨୨୮ ରନର ପିଛା କରି ନ୍ୟୁଜିଲାଣ୍ଡ ୪୦ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୬୮ ରନ୍ ସ୍କୋର କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୪୪ ଓଭର ୩ଟି ବଲ୍‌ରେ୨୨୭ ରନ୍ କରି ଅଲଆଉଟ୍ ହୋଇଯାଇଥିଲା।

## ଅର୍ଜୁନ ଏରିଗାଇସି

ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ସର୍ବିଆରେ ଚାଲିଥିବା ୟୁରୋପୀୟ ଚେସ୍ କ୍ଲବ୍ କପ୍‌ରେ ବିଜୟ ସହ ୨୮୦୦ ଏଲୋ ରେଟିଂ ସଂଖ୍ୟା ଅତିକ୍ରମ କରିଛନ୍ତି। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ୨୧ ବର୍ଷୀୟ ଏରିଗାଇସି ଦ୍ୱିତୀୟ ଭାରତୀୟ ଭାବେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।

ଟୁର୍ଣ୍ଣାମେଣ୍ଟର ୫ମ ରାଉଣ୍ଡରେ ରୁଷିଆର ଗ୍ରାଣ୍ଡମାଷ୍ଟର ଦିମିତ୍ରୀ ଆନ୍ଦ୍ରେକିନଙ୍କୁ ହ୍ୱାଇଟ୍ ପିସ୍‌ରେ ପରାସ୍ତ କରି ଏରିଗାଇସି ଏହି ସଫଳତା ହାସଲ କରିଛନ୍ତି। ଏହି ବିଜୟ ପରେ ସେ ବିଶ୍ୱର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।